# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

**ରାୟଗଡ଼ା,୧୧।୯(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର, ଷ୍ଟାଫ୍ ନର୍ସ ଓ ଟେକ୍ନିସିଆନ ପଦବୀ ତୁରନ୍ତ ପୂରଣ କରିବା ଦାବିରେ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭୁବନେଶ୍ୱରରେ ଭେଟିଛନ୍ତି ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା । ଏହି ପରିପ୍ରେକ୍ଷୀରେ ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ସେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଶଯ୍ୟା ଅଭାବ ସହିତ ଡାକ୍ତର ଓ ନର୍ସ ଅଭାବ କାରଣରୁ ରୋଗୀଙ୍କ ଚିକିତ୍ସାରେ ଅବହେଳା ହେଉଥିବା ନେଇ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାୟଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଥିପ୍ରତି ବିଶେଷ ଗୁରୁତ୍ୱ ଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗଙ୍କୁ ସେ ଅନୁରୋଧ କରିଛନ୍ତି ।

ଅଞ୍ଚଳରେ ମ୍ୟାଲେରିଆ, ଡାଇରିଆ ଏବଂ ଡିପ୍‌ଥେରିଆ ଆଦି ରୋଗରେ ଲୋକେ ଆକ୍ରାନ୍ତ ହୋଇ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ହେଲେ ଏଠାରେ ବିଭିନ୍ନ ଅବ୍ୟବସ୍ଥା କାରଣରୁ ରୋଗୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଗତ ୯ ତାରିଖରେ ତାଙ୍କ ଗସ୍ତ ସମୟରେ ଦେଖିବାକୁ ପାଇଥିଲେ ବୋଲି ବିଧାୟକ କହିଛନ୍ତି। ଅନ୍ୟପଟେ ସେପ୍ଟେମ୍ବର ୧ରୁ ଆଉଟସୋର୍ସିଂରେ କାର୍ଯ୍ୟରତ ଷ୍ଟାଫ୍ ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି । ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଉନ୍ନତମାନର ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ଏଭଳିକି ସ୍ୱାସ୍ଥ୍ୟସେବା ନ ପାଇ ବ୍ରହ୍ମପୁର, ବିଶାଖାପାଟଣା ଆଦି ସ୍ଥାନକୁ ଯିବାବେଳେ ରାସ୍ତାରେ ମୃତ୍ୟୁବରଣ କରୁଥିବା ବିଧାୟକ କାଡ୍ରାକା କହିଛନ୍ତି । ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ଏଥିପ୍ରତି ଗୁରୁତର ସହ ଚିନ୍ତା କରି କର୍ମଚାରୀ ନିଯୁକ୍ତି କରିବା ସହିତ ରାୟଗଡ଼ା ଜିଲା ଗସ୍ତକରି ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ତେବେ ବିଧାୟକ କାଡ୍ରାକାଙ୍କ ଏହି ଦାବିପତ୍ର ପ୍ରଦାନ ପରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ମନ୍ତ୍ରୀ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।


ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଦାବିପତ୍ର ଦେଉଛନ୍ତି ବିଧାୟକ ଆପଲସ୍ୱାମୀ କାଡ୍ରାକା।

- ଜିଲା ଗସ୍ତକରି ସମୀକ୍ଷା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧକଲେ
- ଖାଲି ପଦବୀ ପୂରଣ ଦାବି

# ସ୍ୱାର୍ଥବାଦୀଙ୍କ ପାଇଁ ସ୍ୱାଭିମାନ ହରାଇଛି ବିଜେଡି: ଅବିନାଶ

**ରାୟଗଡ଼ା,୧୧।୯(ଆଶିଷ ରଞ୍ଜନ ପଣ୍ଡା)**



ଦୀର୍ଘ ୧୪ ବର୍ଷ ପରେ ପ୍ରଥମ ଥର ରାୟଗଡ଼ା ଭଳି ଉପାନ୍ତ ତଥା ମାଓବାଦୀପ୍ରବଣ ଅଞ୍ଚଳର ଜଣେ ଯୁବ ନେତୃତ୍ୱଙ୍କୁ ନିଜ କଥା କହିବାର ସୁଯୋଗ ମିଳିଲା । ୨୦୧୯ ପରେ ବିଜେଡିରେ ଆଭ୍ୟନ୍ତରୀଣ ବିବାଦ ଯୋଗୁ ସମସ୍ୟାଭିତ୍ତିକ ରାଜନୀତି ପରିବର୍ତ୍ତେ ସ୍ୱାର୍ଥ ସାଧନ ରାଜନୀତି କାରଣରୁ ଆଜି ବିଜେଡିର ଏଭଳି ଅବସ୍ଥା ହୋଇଛି । ଭୁବନେଶ୍ୱର ଶଙ୍ଖ ଭବନଠାରେ ବିଜୁ ଯୁବଜନତା ଦଳର କର୍ମକର୍ତ୍ତା ସାଂଗଠନିକ ସମ୍ମିଳନୀରେ ଯୋଗଦେଇ ଏଭଳି କହିଛନ୍ତି ବିଜୁ ଯୁବ ଜନତା ଦଳର ରାୟଗଡ଼ା ଜିଲା ସଭାପତି ଅବିନାଶ ବିଶୋଇ । ବିଶେଷ ଭାବେ ୨୦୧୯ ପରେ ଅବିଭକ୍ତ କୋରାପୁଟ ଜିଲାର ଟାଣୁଆ ଓ ପୁରୁଖା ନେତାଙ୍କୁ କୋଣଠେସା ଓ ଅଣଦେଖା କରିବା ଯୋଗୁ ଦଳ ଆଜି ଏହିଭଳି ପରିସ୍ଥିତିରେ ରହିଛି ବୋଲି କହିଛନ୍ତି ଅବିନାଶ ।

ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନବୀନ ପଟ୍ଟନାୟକଙ୍କ ସହ ହାତ ମିଶାଇ ଦଳକୁ ମଜଭୁତ କରିଥିବା ବରିଷ୍ଠ ନେତୃତ୍ୱଙ୍କୁ ଅବିଭକ୍ତ କୋରାପୁଟ ଜିଲାରେ ଅଣଦେଖା କରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା । ଫଳରେ ଚଳିତ ନିର୍ବାଚନରେ ଦଳ ସମସ୍ତ ଆସନ ହରାଇଲା । ତେଣୁ ଆଗାମୀ ଦିନରେ ଦଳର ସ୍ୱାଭିମାନ ପାଇଁ କାମ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ହେବା ସହିତ ବରିଷ୍ଠ ନେତୃବୃନ୍ଦଙ୍କୁ ଦାୟିତ୍ୱ ଦେଲେ ପଞ୍ଚାୟତ ଓ ପୌର ନିର୍ବାଚନ ଭଳି ଦଳ ପୁଣି ଥରେ ୨୦୨୯ରେ କ୍ଷମତାକୁ ଆସିପାରିବ ବୋଲି କହିଛନ୍ତି ଅବିନାଶ । ଦଳର ବହୁ ବଡ଼ ବଡ଼ ନେତା ନିଜ ସ୍ୱାର୍ଥ ପାଇଁ ଦଳର ସ୍ୱାଭିମାନକୁ ଜଳାଞ୍ଜଳି ଦେଇଥିବା ନେଇ ଅବିନାଶଙ୍କ ଅଭିଭାଷଣ ପରେ ଜିଲାରେ ବିଜେଡି ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି।

# ସନ୍ଥ ବିନୋବାଜୀଙ୍କ ଜୟନ୍ତୀ

**ମୁନିଗୁଡ଼ା,୧୧।୯ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡ଼ା ବ୍ଲକ୍ ଧୋବାଗୁଡ଼ି ଗ୍ରାମରେ ବୁଧବାର ଭୂଦାନ କ୍ରାନ୍ତିର ସ୍ରଷ୍ଟା ସନ୍ଥ ବିନୋବା ଭାବେଙ୍କ ୧୩୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ବାରଣାସୀଠାରେ ହେଉଥିବା ସତ୍ୟାଗ୍ରହର ସମର୍ଥନ ପୂର୍ବକ ରାୟଗଡ଼ା ଜିଲା ସର୍ବୋଦୟ ମଣ୍ଡଳ ଏବଂ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବସେବା ସଂଘ ରାୟଗଡ଼ା ତଥା ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ମୁଖପାତ୍ର ଗୌରାଙ୍ଗ ଚରଣ ରାଉତଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଥ ବିନୋବା ଏହି ଅଞ୍ଚଳର ମୁନିଗୁଡ଼ା, କୁମୁଡ଼ାବାଲୀ, ଧୋବାଗୁଡି, ଡ଼ାଙ୍ଗସୋରୋଡା,ଚନ୍ଦ୍ରପୁର,ତାଡିଙ୍ଗିପାଇ, ରାୟଗଡ଼ା ପ୍ରଭୃତି ସ୍ଥାନକୁ ଆସିଥିବାରୁ ତାହାର ସ୍ମୃତିଚାରଣ କରାଯାଇଥିଲା। ସମ୍ମାନିତ ବକ୍ତାଭାବେ ଡ.ଚନ୍ଦନ ସିଂ, ବଳରାମ ଦାଲ, କାଲେନ୍ଦ୍ରି କୁଶୁଲିୟା, ଦୁଃଖୀ କୁସୁଲିୟା, ଦଇତାରୀ କରକରିଆ ସହ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଶେଷରେ ଘାସିରାମ କୁଶୁଲିଆ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଭୂଦାନ କର୍ମୀ।

# ରୋଗ ଦୂର ପାଇଁ ଆଦିବାସୀଙ୍କ ଜନାସରଣୀ ପର୍ବ


ମାଟିରେ ନିର୍ମିତ ରାକ୍ଷସ ମୂର୍ତ୍ତିକୁ ଆଦିବାସୀମାନେ ପୂଜାର୍ଚ୍ଚନା କରୁଛନ୍ତି।

**ଟିକିରି,୧୧।୯ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲାର ଆଦିବାସୀ ଅଧ୍ୟୁଷିତ କାଶୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ମକା ନୂଆଖିଆ ପର୍ବ ଜନାସରଣୀ ପାଳନ କରାଯାଉଛି। ଗ୍ରାମରେ ସୁଖଶାନ୍ତି ବଜାୟ ରହିବା ଏବଂ ରୋଗବ୍ୟାଧି ଦୂରହେବା ପାଇଁ ଭାଦ୍ରବ ମାସରେ କୁଇ ଆଦିବାସୀମାନେ ଜନାସରଣୀ ବା ମକା ନୂଆଖିଆ ପର୍ବ ପାଳନ କରୁଛନ୍ତି। ଟିକିରି ପଞ୍ଚାୟତର ଜାମୁଗୁଡ଼ା ଏବଂ ଦୁଡୁକା ବାହାଲପଞ୍ଚାୟତ ବାଲିଆକଡ଼ା ଗ୍ରାମର ଲୋକେ ଜନାସରଣୀ ପର୍ବ ପାଳନ ସମୟରେ ଗାଁ ମୁଣ୍ଡରେ ଥିବା ରାସ୍ତା ପାଖରେ ମାଟିରେ ରାକ୍ଷସ ମୂର୍ତ୍ତି ନିର୍ମିତ କରିଥିଲେ। ମୂର୍ତ୍ତିର ଶରୀର ଏବଂ ବେକରେ ମକା ମଞ୍ଜି ସବୁ ପିନ୍ଧାଇ ଦିଆଯାଇଥିଲା । ପରେ ପାରମ୍ପରିକ ବାଦ୍ୟ ବାଜଣାରେ ଗ୍ରାମର ବେଜଣିଙ୍କ ସହିତ ମହିଳାମାନେ ପୋଡାମକା ଏବଂ ଖିରିପିଠା ଭୋଗ ନେଇ ରାକ୍ଷସକୁ ପୂଜା କରିଥିଲେ। ଜାମୁଗୁଡ଼ା ଗ୍ରାମର ରୁଆଇ, ସେବ, ସାପାଇ ଏବଂ ସୁଆଇମାଝୀ ପ୍ରମୁଖ ବେଜଣି (ମହିଳା ପୁରୋହିତ)ମାନେ ରାକ୍ଷସ ପ୍ରତିମୂର୍ତ୍ତି ନିକଟରେ କୁକୁଡ଼ା ବଳି ଦେଇଥିଲେ । ପ୍ରତ୍ୟେକ ଆଦିବାସୀ ଗ୍ରାମରେ ଜନାସରଣୀ ପୂଜା କରିବା ପରେ ହିଁ ନୂଆ କରି ମକା ଖାଇବାର ବିଧି ରହିଛି ।

# ସଦସ୍ୟତା ଅଭିଯାନ ଆରମ୍ଭକଲେ କାଳିରାମ

**ରାୟଗଡ଼ା,୧୧।୯(ଆଶିଷ ରଞ୍ଜନ ପଣ୍ଡା)**

ଭାଜପା ଜାତୀୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କାଳିରାମ ମାଝୀଙ୍କ ନେତୃତ୍ୱରେ ବୁଧବାର ରାୟଗଡ଼ା ବିଧାନସଭା ଆସନ ଅଞ୍ଚଳରେ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଗ୍ରାମୀଣ ମଣ୍ଡଳର କତାପେଟା ପଞ୍ଚାୟତ, କୁମ୍ଭିକୋଟା ମଣ୍ଡଳର ଗୁମ୍ମା ଓ କୁମ୍ଭିକୋଟା ପଞ୍ଚାୟତରେ କାଳିରାମ ପ୍ରତ୍ୟକ୍ଷ ଭାବେ ସମସ୍ତଙ୍କୁ ଭେଟି ସଦସ୍ୟ ହେବାକୁ ନିବେଦନ କରିଛନ୍ତି । ସମସ୍ତ ବର୍ଗର ଲୋକଙ୍କୁ ଭାରତୀୟ ଜନତା ପାର୍ଟିର ସଦସ୍ୟ କରାଯିବ ଏବଂ ବିଶେଷକରି ଆଦିବାସୀମାନଙ୍କୁ ସାମିଲ କରିବାକୁ ପ୍ରଚେଷ୍ଟା କରାଯିବ ବୋଲି କହିଛନ୍ତି ମାଝୀ। କୋରାପୁଟ ଲୋକସଭା କ୍ଷେତ୍ରରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ସଦସ୍ୟତା କରି ସମସ୍ତଙ୍କୁ ସାମିଲ କରାଯିବ ବୋଲି କହିଛନ୍ତି କାଳୀରାମ। ଏହି ସଦସ୍ୟତା ଅଭିଯାନ ଗସ୍ତରେ ଭାଜପା ଜିଲା ସମ୍ପାଦକ ପ୍ରତାପ ପୁଆଲା, ବିଧାନସଭା ସଦସ୍ୟତା ଅଭିଯାନ ପ୍ରମୁଖ ତଥା ଜିଲା ଉପସଭାନେତ୍ରୀ, ଅଶ୍ୱିନୀ କଞ୍ଚଡା, ରାୟଗଡ଼ା ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀନିବାସ ରାଓ, କୁମ୍ଭିକୋଟା ମଣ୍ଡଳ ସଭାପତି ବାଲଦାସ ପାଲକା, ସୁଧାକର ବେନିଆ ପ୍ରମୁଖ ଉପସ୍ଥିତ ଥିଲେ।


ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ କାଳିରାମ ମାଝୀ ଜଣଙ୍କୁ ସଦସ୍ୟ କରାଉଛନ୍ତି।

# ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

**ରାୟଗଡା,୧୧।୯ (ଆଶିଷ ରଞ୍ଜନ ପଣ୍ଡା)**

ଇମ୍ଫାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ନିର୍ବାହୀ ସଂସ୍ଥା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ଦ୍ୱାରା ବରୀଗୁଡା ଗ୍ରାମ୍ୟ ମଣ୍ଡପରେ ଥେରୁବାଲି ଅଞ୍ଚଳର ଗୌଡ଼ଗୁଡା, ରେଳିବାଡିଗାଁ , ରାମଚନ୍ଦ୍ର ନଗର, ପୂଜାରିଗୁଡା ଗ୍ରାମରେ ଆରମ୍ଭ ହେବାକୁ ଥିବା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପାଇଁ ସମୂହର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଉକ୍ତ ୪ ଗ୍ରାମର ୧୨୦ ଜଣ ମହିଳା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଖେଦପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ନରସିଂହ କିଲକା ମୁଖ୍ୟ ଅତିଥି, ଥେରୁବାଲି ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ବିକାଶର ନିର୍ଦ୍ଦେଶକ ତଥା ସାମାଜିକ କର୍ମୀ ରାଧାଶ୍ୟାମ ପଣ୍ଡା ସମ୍ମାନିତ ଅତିଥି ଏବଂ ଇମ୍ଫାର ଲୋକ ସମ୍ପର୍କ ବିଭାଗର ବରିଷ୍ଠ ପରିଚାଳକ ଶକ୍ତି ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ମାନସୀ ପାତ୍ର ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ସସ୍ମିତା ପୁଲାକା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ସ୍ଥାପନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ଟାବଲଏଟ ମାଧ୍ୟମରେ ଶିକ୍ଷାଦାନ ପଦ୍ଧତି ଓ ଏହାର ଉପକାରିତା ବିଷୟରେ ବୁଝାଇଥିଲେ । ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ପ୍ରକଳ୍ପ ଅଧିକାରୀ ପ୍ରଭାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଇମ୍ଫା ଅଧିକାରୀ।

# ତଦନ୍ତ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ

## ମହିଳା ସ୍ୱାସ୍ଥ୍ୟକର୍ମୀ ଗର୍ଭବତୀଙ୍କ ପ୍ରସବ ପାଇଁ ଟଙ୍କା ଦାବି ଅଭିଯୋଗ

**ବିଷମ କଟକ, ୧୧।୯(ପ୍ରସନ୍ନ କୁମାର ପଣ୍ଡା)**

ବିଷମ କଟକ ବ୍ଲକ୍ ଅନ୍ତର୍ଗତ ସାହାଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରିୟମ୍ବଦା ଭୋଇ ଗର୍ଭବତୀଙ୍କ ପ୍ରସବ କରାଇବା ନିମନ୍ତେ ଟାଙ୍କା ଦାବି କରୁଥିବା ଅଭିଯୋଗ ଘଟଣା ଭିନ୍ନ ମୋଡ ନେଇଛି। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୩ ଜଣ ଅଧିକାରୀ ବୁଧବାର ସାହାଡା ଗ୍ରାମରେ ପହଞ୍ଚି ଥିବାବେଳେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରାଯାଇଥିବା ସ୍ଥାନୀୟ ସରପଞ୍ଚଙ୍କ ସମେତ ଅନ୍ୟ ଏକ ଗୋଷ୍ଠୀ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଜଣେଇଛନ୍ତି। ଏପରିକି ପଡୋଶୀ ଚନ୍ଦପୁର ଓ ଗୁଡାରି ବ୍ଲକର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏହି ସବୁ ଅଭିଯୋଗ ମିଥ୍ୟା ବୋଲି କହିଛନ୍ତି। ବିପକ୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବି କରୁଥିବା ବେଳେ ସପକ୍ଷ ଗୋଷ୍ଠୀ ଅନ୍ୟତ୍ର ବଦଳି କରାଗଲେ ବ୍ଲକ ଘେରାଉ କରିବା ସହ ରାସ୍ତାରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସ୍ୱାସ୍ଥ୍ୟକର୍ମୀ ଜଣକ ପ୍ରସୂତିଙ୍କଠାରୁ ଟଙ୍କା ଦାବି କରିବା ସହ ଆୟୁର୍ବେଦିକ ଔଷଧ ଆଣି ଅଧିକା ଦରରେ ରୋଗୀଙ୍କୁ ବିକ୍ରି କରୁଥିବା, ମୃତ୍ୟୁ ପ୍ରମାଣପତ୍ର ଦେବା ପାଇଁ ଟଙ୍କା ଦାବି କରୁଥିବା ଅଭିଯୋଗ ହୋଇଥିଲା । ଘଟଣାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ତାଙ୍କୁ ଅନ୍ୟତ୍ର ବଦଳି ନିମନ୍ତେ ଗ୍ରାମର ଏକ ଗୋଷ୍ଠୀ ଗତ ୮ ତାରିଖରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ସାହାଡା ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ପାର୍ଥସାରଥି ବେହେରାଙ୍କୁ ଦାବିପତ୍ର ଦେଇଥିଲେ। ତେବେ ଘଟଣାର ତଦନ୍ତ ଦାୟିତ୍ୱରେ ଯାଇଥିବା ବିଷମ କଟକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା ହରିହର ବଳଦେବ ଚୁଡ, ସାହାଡ଼ା ଅରାଗ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ପାର୍ଥସାରଥୀ ବେହେରା ଓ ବ୍ଲକ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତ୍ସ୍ନା ମହାରଣାଙ୍କୁ ପଚାରିବାରୁ ଉଭୟ ଗୋଷ୍ଠୀଙ୍କ ଅଭିଯୋଗକୁ ଗ୍ରହଣ କରାଯାଇଛି। ଏହି ସବୁ ଘଟଣା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜଣେଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

**ଗୁଡାରି, ୧୧।୯ (ପ୍ରମୋଦ କୁମାର ପତି )**

ଗୁଡାରି ଟାଉନ ଦୁର୍ଗାପୂଜା କମିଟି ତରଫରୁ ବୁଧବାର ସ୍ଥାନୀୟ ଦୁର୍ଗା ପୂଜା ମଣ୍ଡପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହାସହ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ପୂଜା କରାଯାଇଛି । ଟାଉନ ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମରୁ ଆସିଥିବା ପୁରୋହିତ ପରମେଶ୍ୱର ମିଶ୍ର ଓ ଅକ୍ଷୟ କୁମାର ତ୍ରିପାଠୀ ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ। ମା' ଭଣ୍ଡାର ଘରଣୀ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ କେଦାର ସାହୁ ସପତ୍ନୀକ ଦାୟିତ୍ୱ ତୁଲାଇ ଥିଲେ । କାର୍ଯ୍ୟକ୍ରମରେ କମିଟିର ସୁସିଳ ଗୁରୁ, ସଦା ପାଣିଗ୍ରାହୀ, ଚନ୍ଦ୍ର ପଣ୍ଡା, ଏମ ଗୌତମ, ବାବୁଲା ରଥ, କୁନା ବେହେରାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଗୁଡାରି ଟାଉନ ଦୁର୍ଗାପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

# ସୁଭଦ୍ରା ଆବେଦନ ପାଇଁ ମହିଳାଙ୍କ ଭିଡ଼

**ମୁନିଗୁଡ଼ା,୧୧।୯ (ନନ୍ଦ କିଶୋର ପଟ୍ଟନାୟକ)**

ରାଜ୍ୟ ସରକାର ମହିଳା ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନାରେ ୨୧ରୁ ୬୦ବର୍ଷ ମଧ୍ୟରେ ମହିଳାଙ୍କୁ ୫ ବର୍ଷରେ ୫୦ହଜାର ଟଙ୍କା ପ୍ରଦାନ କରୁଛନ୍ତି। ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ମୁନିଗୁଡ଼ା ଅଞ୍ଚଳରେ ଥିବା ଜନସେବା କେନ୍ଦ୍ର ଓ ଅଙ୍ଗନୱାଡି କେନ୍ଦ୍ରରେ ମହିଳାଙ୍କ ଅସମ୍ଭବ ଭିଡ ଦେଖିବାକୁ ମିଳୁଛି। ତେବେ ଜନସେବା କେନ୍ଦ୍ରଗୁଡ଼ିକରେ ସୁଭଦ୍ରା ଯୋଜନା ପୋର୍ଟାଲ ଠିକ୍ ରୂପେ କାର୍ଯ୍ୟ କରୁ ନ ଥିବାରୁ କେନ୍ଦ୍ର ଆଗରେ ମହିଳାଙ୍କ ମଧ୍ୟରେ ଠେଲାଠେଲି ହେବା ଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ସାରା ରାଜ୍ୟରେ ସୁଭଦ୍ରା ଯୋଜନା ପୋର୍ଟାଲରେ ଏକାସଙ୍ଗେ ସଂଖ୍ୟାଧିକ ହିତାଧିକାରୀଙ୍କ ନାମ ପଞ୍ଜୀକରଣ ହେଉଥିବାରୁ ଏହା ଠିକ୍ ଭାବେ କାର୍ଯ୍ୟ କରୁନାହିଁ ଏବଂ ଅନେକ ସମୟରେ ସର୍ଭର ଡାଉନ ରହୁଛି । କେତେବେଳେ ଲୋକଙ୍କ ଫୋନ୍‌କୁ ଓଟିପି ଯାଉନାହିଁ ତ କେତେବେଳେ ଓଟିପି ଯାଇ ମଧ୍ୟ ପୋର୍ଟାଲରେ ଇନ୍‌ଚାର୍ଜ ହୋଇପାରୁ ନ ଥିବା ଜନସେବା କେନ୍ଦ୍ର କର୍ତ୍ତୃପକ୍ଷ କହୁଛନ୍ତି। ଅନ୍ୟପକ୍ଷେ ହିତାଧିକାରୀମାନେ ଲଗାଣ ବର୍ଷାକୁ ଭ୍ରୂକ୍ଷେପ ନ କରି ସକାଳୁ ଆସି ଜନସେବା କେନ୍ଦ୍ର ଆଗରେ ଧାଡ଼ି ଲଗାଇ ଘଣ୍ଟା ଘଣ୍ଟା ଧରି ଠିଆହୋଇ ରହୁଛନ୍ତି। ଯେତେ ବିଳମ୍ବ ହେଲେ ମଧ୍ୟ ଆମେ ଜନସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ଫର୍ମ ଆବେଦନ କରିଯିବୁ ବୋଲି କହି ଅନେକ ମହିଳା ରାତି ପର୍ଯ୍ୟନ୍ତ ଅପେକ୍ଷା କରି ରହୁଥିବା ଦେଖିବାକୁ ମିଳୁଛି। ଅନେକ ମହିଳା ଅପେକ୍ଷା କରି କରି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ମହିଳାମାନେ କିପରି ସୁବିଧାରେ ସେମାନଙ୍କ ନାମ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିପାରିବେ ସେଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।


ମୁନିଗୁଡ଼ାରେ ଏକ ଜନସେବା କେନ୍ଦ୍ର ସମ୍ମୁଖରେ ମହିଳାଙ୍କ ଲମ୍ବା ଧାଡ଼ି।

# ବେଆଇନ ଗାଡ଼ି ପାର୍କିଂ ଯୋଗୁ ରାସ୍ତା ଜାମ୍

**ରାୟଗଡ଼ା,୧୧।୯(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରର ଜାତୀୟ ରାଜପଥ ସମେତ ସମସ୍ତ ଗଳିକନ୍ଦିରେ ବେଆଇନ ଭାବେ ଯାନବାହନ ପାର୍କିଂ ଫଳରେ ଟ୍ରାଫିକ୍ ଜାମ୍ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏଭଳି ସମସ୍ୟା ଉପୁଜୁଥିଲେ ମଧ୍ୟ ପ୍ରଶାସନ ସ୍ତରରେ କୌଣସି ପ୍ରକାର ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଗତ ଦିନରେ ଏ ନେଇ ଜିଲା ସଡ଼କ ସୁରକ୍ଷା ବୈଠକରେ କମିଟି ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ନେଇ ଏକ ଏନ୍‌ଫୋର୍ସମେଣ୍ଟ କମିଟି ଗଠନକରି ପଦକ୍ଷେପ ନେବା ପାଇଁ ଜିଲାପାଳ ପାରୁଲ ପଟୱାରି ନିର୍ଦ୍ଦେଶ ଦେଇଥିଲେ । ତଥାପି ଏଥିରେ କୌଣସି ପରିବର୍ତ୍ତନ ନ ଆସି ପୂର୍ବଭଳି ରାସ୍ତାକଡ଼ରେ ବେଆଇନ ଭାବେ ଗାଡ଼ି ପାର୍କିଂ ଚାଲିଛି ।

ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ ସମେତ ଏସ୍‌ବିଆଇ ଏଡିବି ବ୍ରାଞ୍ଚ ରୋଡ୍, ଆକ୍ସିସ ବ୍ୟାଙ୍କ ରୋଡ୍ ସମେତ ସହରର ଗଳିକନ୍ଦିରେ ଘର, ବ୍ୟାଙ୍କ, ଦୋକାନ, ଶପିଂ ମଲ୍‌ଗୁଡ଼ିକରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତାକଡ଼ରେ ଗାଡ଼ି ପାର୍କିଂ କରୁଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ପାର୍କିଂ ଯୋଗୁ ରାସ୍ତାର ଅଧା ଭାଗ ଦଖଲରେ ରହୁଛି । ଫଳରେ ଉକ୍ତ ରାସ୍ତା ଦେଇ ଚାରିଚକିଆ ଯାନବାହନ ଯାତାୟାତ କଲେ ଦୀର୍ଘ ସମୟ ଟ୍ରାଫିକ ଜାମ୍ ହୋଇପଡୁଛି । ଅନ୍ୟପଟେ କପିଳାସ ରୋଡ୍‌ରୁ ପିଏସ୍‌ଆର୍ ସିନେମା ହଲ୍‌କୁ ଯିବା ପାଇଁ ରହିଥିବା ଛକରେ ଏକ ବଡ଼ ଶପିଂ ମଲ୍ ବେଆଇନ ଭାବେ ରାସ୍ତା ଉପରେ ବାରଣ୍ଡାକରିବା ସହ କବ୍‌ଜା କରି ରଖିଛି । ଫଳରେ ଉକ୍ତ ରାସ୍ତାରେ ଗୋଟିଏ ଚାରିଚକିଆ ଗାଡ଼ି ଗଲେ ରାସ୍ତା ଜାମ୍ ରହୁଛି । ଉକ୍ତ ଶପିଂ ମଲ୍ ଅନୁମୋଦିତ ଟାଉନ ପ୍ଲାନିଂଠାରୁ ମଧ୍ୟ ଅଧିକ ମହଲା ନିର୍ମାଣ କରିବା ସହ ଡ୍ରେନ୍ ଉପରେ ଚଲାପଥ ନିର୍ମାଣ କରିଥିବା ଦେଖିବାକୁ ମିଳିଛି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହି ବେଆଇନ ଗାଡ଼ି ପାର୍କିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଆଦିଙ୍କୁ ପାର୍କିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବା ଆବଶ୍ୟକ ବୋଲି ପିସିସି ପୂର୍ବତନ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା ଦାବି କରିଛନ୍ତି । ଏନେଇ ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ଟ୍ରାଫିକ ଡିଏସ୍‌ପିଙ୍କ ସହିତ ଆଲୋଚନା କରି ଏକ ଯୁଗ୍ମ ଏନଫୋର୍ସମେଣ୍ଟ ଟିମ ଗଠନ କରାଯାଇ ପଦକ୍ଷେପ ନିଆଯିବ। ଯେଉଁମାନେ ରାସ୍ତା କବ୍‌ଜା କରି ରଖିଛନ୍ତି ସେମାନଙ୍କୁ ନୋଟିସ ଦିଆଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ରାୟଗଡାର କପିଳାସ ରୋଡ୍‌ରେ ବେଆଇନ ଗାଡ଼ି ପାର୍କିଂ ଯୋଗୁ ଉପୁଜିଥିବା ଟ୍ରାଫିକ ସମସ୍ୟା।

# ଆର୍‌ଡିସିଙ୍କ ସମୀକ୍ଷା: ତୁରନ୍ତ ସହାୟତା ଦେବାକୁ ନିର୍ଦ୍ଦେଶ

**ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ମାଲକାନଗିରିର ବିଭିନ୍ନ ଅଞ୍ଚଳ ପରିଦର୍ଶନ**

ମାଲକାନଗିରି,୧୧।୯(ଦୁର୍ଯ୍ୟୋଧନ ପାତ୍ର)


ଜଣେ ମହିଳାଙ୍କଠାରୁ ଆର୍‌ଡିସି ରୁପାରୋଶନ ସାହୁ କ୍ଷୟକ୍ଷତି ବିଷୟରେ ପଚାରି ବୁଝୁଛନ୍ତି ।

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ରୁପାରୋଶନ ସାହୁ ବୁଧବାର ମାଲକାନଗିରି ଜିଲା ଗସ୍ତରେ ଆସି ଲଗାଣ ବର୍ଷା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସାହୁ ଏମ୍‌ଭି ୭ ଓ ଏମ୍‌ଭି ୧୯ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନକରି କର୍ମୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରରେ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ନିମନ୍ତେ ବିଭିନ୍ନ ପନିପରିବା ଚାରାରୋପଣକରି ପୋଷଣ ବାଟିକା ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଶିଶୁଙ୍କ ମଧ୍ୟରେ କିଛି ବ୍ୟାବହାରିକ ପରିବର୍ତ୍ତନ ଘଟୁଛି ନା ନାହିଁ ସେ ବିଷୟରେ ପଚାରି ବୁଝିଥିଲେ । ସେହିପରି ସେ ଏମ୍‌ଭି ୧୯ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସେଠାରେ ଆଚୋଲନା କରିଥିଲେ। ଏମ୍‌ଭି ୭ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ବୁଲିବା ସହ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ପଚାରି କିଭଳି ଗୁଣାତ୍ମକ ଶିକ୍ଷା ଦିଆଯାଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିଛନ୍ତି। ଏମ୍‌ଭି ୧୯ରେ ଏକ ଜନସେବା କେନ୍ଦ୍ର ପରିଦର୍ଶନକରି ସୁଭଦ୍ରା ଫର୍ମ ପୂରଣ ଠିକ୍ ଭାବେ ଚାଲିଛି କି ନାହିଁ ସେଠାରେ ଥିବା ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ସେଠାରୁ ସାହୁ ପୋଟେରୁ ଗସ୍ତକରି ସ୍ଥିତି ସମ୍ପର୍କରେ ଆବଗତ ହୋଇଥିଲେ। ସ୍ଥିତି କିଭଳି ସ୍ୱାଭାବିକ ହୋଇପାରିବ ସେଥିନିମନ୍ତେ ଦ୍ରୁତ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଶେଷରେ ଗୁରାଖଣ୍ଡା ପଞ୍ଚାୟତ କୁସୁବାଡା ଆଦିବାସୀ ଗ୍ରାମକୁ ଯାଇ ମହିଳାମାନଙ୍କ ସହ ମମତା ଓ ସୁଭଦ୍ରା ଭଳି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ସାହୁ ସର୍କିଟ ହାଉସ୍‌ରେ ଏକ ସମୀକ୍ଷା ବୈଠକ କରଥିଲେ। ଲୋକଙ୍କୁ କିଭଳି ସହାୟତା ମିଳିବ ସେଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗୁରୁତ୍ୱାରୋପ କରଥିଲେ। ଗ୍ରାମାଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। କୃଷି, ସ୍ୱାସ୍ଥ୍ୟ, ଯୋଗାଣ ଓ ଜିଲା ମଙ୍ଗଳ ବିଭାଗ ସମେତ ବିଭିନ୍ନ ବିଭାଗ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତ ସମୟରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଜିଲାପାଳ ସାଧାରଣ ସୋମନଥ ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କୋଭା ମଲ୍ଲିକ, ବିଡିଓ ପ୍ରଭାତୀ ଝଡିଆ ଓ ତହସିଲଦାର ଲଳିତ ବାଘ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷା ସ୍ଥିତି କ୍ଷୟକ୍ଷତି ତଥ୍ୟ ଦେଲା ଜିଲା ପ୍ରଶାସନ

ମାଲକାନଗିରି,୧୧।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଗତ ୮ ଓ ୯ ତାରିଖରେ ପ୍ରବଳ ବର୍ଷା ଯୋଗୁ ବହୁ କ୍ଷୟକ୍ଷତି ହୋଇଛି। ବିଭିନ୍ନ ନଦୀର ଜଳସ୍ତରବୃଦ୍ଧି ପାଇବା ସହ ଘର ଭାଙ୍ଗିଥିବା ବେଳେ ବହୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ତେବେ ଜିଲା ପ୍ରଶାସନ ବିଭିନ୍ନ ଅଞ୍ଚଳ ବୁଲି ଆକଳନ କରିଥିବା ତଥ୍ୟ ପ୍ରଦାନ କରିଛନ୍ତି। ପ୍ରଶାସନିକ ସୂଚନା ଅନୁଯାୟୀ, ଜିଲାରେ ୮୮୩୦ ହେକ୍ଟର ଜମିରେ ଚାଷ ନଷ୍ଟ ହୋଇଥିବା ବେଳେ ୨୭୮ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩ ଟି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେହିପରି ଜିଲାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ୫୭୦ ପଲିଥିନ ବଣ୍ଟାଯାଇଛି। ୫୪ ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ ଦ୍ୱାରା ୨୭ ଜଣଙ୍କୁ ଜଳବନ୍ଦୀରୁ ମୁକ୍ତ କରାଯାଇଛି। ୧୬୨ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ଏବଂ ଓଡ୍ରାଫ୍ ଟିମ୍ ଦ୍ୱାରା ୨୨୯୮ ଜଣଙ୍କୁ ଉଦ୍ଧାର କରାଯାଇ ୧୫ ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ବର୍ତ୍ତମାନ ୧୪୧ଜଣ ୩ଟି ଆଶ୍ରୟସ୍ଥଳୀରେ ଅଛନ୍ତି। ବିଭିନ୍ନ ସ୍ଥାନରେ ନଷ୍ଟ ହୋଇଥିବା ରାସ୍ତାଗୁଡିକର ମରାମତି ହୋଇଥିବା ସୂଚନା ଦିଆଯାଇଛି। ଗତ ୯ ତାରିଖ ସୁଦ୍ଧା ଜିଲାର

**ମାଲକାନଗିରି ଜିଲା**

୧୨ ପୋଲ ଉପରୁ ଜଳସ୍ତର ହ୍ରାସ ପାଇଛି। ଗତ ୮ ତାରିଖରେ ଜିଲାରେ ହାରାହାରି ୧୮୧.୪୨ ମି.ମି.ବର୍ଷା ହୋଇଥିବା ବେଳେ ୯ ତାରିଖ ହାରାହାରି ୬୬.୪୦ ମି.ମି.ବର୍ଷା ରେକର୍ଡ କରାଯାଇଛି। ମୁଖ୍ୟତଃ ମୋଟୁ, ପୋଟେରୁ, ଗିରିକୋନପାଲ୍ଲୀ, ବଦିଲି, ଏମ୍‌ଭି୭, ଏମ୍‌ଭି୩, ଏମ୍‌ପିଭି. ୧୬, ଉଣ୍ଡୁକୋଣ୍ଡା, ଏମ୍‌ଭି ୫୭ ଗ୍ରାମଗୁଡିକ ଅଧିକ ପ୍ରଭାବିତ ହୋଇଛି। ପରିସ୍ଥିତି ମୁକାବିଲା ପାଇଁ ମୋଟ ୬ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବିଭାଗର ୫ ଦଳ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ସେହିପରି ଅଗ୍ନିଶମ ବିଭାଗର ୩ ଦଳ ରାସ୍ତା ଅବରୋଧ ହଟାଇବା କାର୍ଯ୍ୟରେ ନିୟୋଜିତ ଥିଲେ । ମୋଟ ୬୨ ବିଦ୍ୟୁତ୍ କେନ୍ଦ୍ର ଥିବା ବେଳେ ସେଥିରୁ ଏହି ଦୁଇଦିନ ବର୍ଷାରେ ୨୪ ବିଦ୍ୟୁତ୍ କେନ୍ଦ୍ରରୁ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। ତେବେ ଜିଲାରେ ୧,୧୨,୫୧୪ ଜଣଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ୩୩୮୫୦ ଜଣଙ୍କ ସରବରାହ ବନ୍ଦ ହୋଇଯାଇଥିଲା। ବୁଧବାର ସୁଦ୍ଧା ୨୨ ବିଦ୍ୟୁତ୍ ସବ୍‌ଷ୍ଟେଶନର ମରାମତି ହୋଇଥିବା ବେଳେ ଆଉ ଦୁଇଟି ସବ୍‌ଷ୍ଟେଶନର ମରାମତି କାର୍ଯ୍ୟ ଜାରି ରହିଛି। ୧୫ଶହ ଜଣଙ୍କ ବିଦ୍ୟୁତ୍ ସରବରାହ ବନ୍ଦ ଥିବା ସୂଚନା ଦେଇଛନ୍ତି।

# ୧୦ ବର୍ଷ ପରେ ୨ ଗେଟ୍ ଦେଇ ଜଳ ନିଷ୍କାସନ

**ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି**

ଚିତ୍ରକୋଣ୍ଡା, ୧୧।୯(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ଯୋଗୁ ବୁଧବାର ୧୦ ବର୍ଷ ପରେ ଦୁଇଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଇଛି। ମଙ୍ଗଳବାର ଜଲାପୁଟ ଜଳଭଣ୍ଡାରର ଜଳସ୍ତର ୪୩ ହଜାର କ୍ୟୁସେକ ବୃଦ୍ଧି ପାଇବାରୁ ଜଲାପୁଟ ଡ୍ୟାମ୍ କର୍ତ୍ତୃପକ୍ଷ ୧୬ହଜାର କ୍ୟୁସେକ ଜଳ ନିଷ୍କାସନ କରିଥିଲେ । ନିଷ୍କାସିତ ଜଳ ଭଣ୍ଡାରରେ ପ୍ରବେଶ କରିବାରୁ ବୁଧବାର ୧.୫ ଇଞ୍ଚ ବୃଦ୍ଧି ପାଇଛି। ଫଳରେ ଏହାର ଜଳଧାରଣ କ୍ଷମତା ୧୫୧୬ ଫୁଟ ଥିବା ବେଳେ ଏହା ୧୫୧୨କୁ ବୃଦ୍ଧି ପାଇଛି । ପ୍ରତି ସେକେଣ୍ଡରେ ୧୧ ହଜାର ଘନଫୁଟ ଜଳ ଡ୍ୟାମ୍‌କୁ ପ୍ରବେଶ କରୁଛି। ଫଳରେ ଏହି ଜଳଧାରଣ ବିପଦ ସଙ୍କେତ ପାଖାପାଖି ହେଉଥିବାରୁ ଆଗାମୀ ଦିନରେ ବର୍ଷାକୁ ଦୃଷ୍ଟିରେ ରଖି ଡ୍ୟାମ୍‌ର ଦୁଇଟି ଗେଟ୍ ଖୋଲାଯାଇଛି। ତେବେ ଉକ୍ତ ଜଳଭଣ୍ଡାରରେ ୮୦ ରୁ ୮୫ ପ୍ରତିଶତ ଜଳ ରଖିବା ଉଚିତ ଥିବା ବେଳେ ଗତ ୧୦ ବର୍ଷ ଧରି ବନ୍ୟା ସମୟରେ ଏହି ଗେଟ୍‌ଗୁଡ଼ିକ ଖୋଲାଯାଇ ନ ଥିବା ବେଳେ ଚଳିତ ବର୍ଷ ବିପଦକୁ ଦୃଷ୍ଟିରେ ରଖି ଏହି ଦୁଇଟି ଗେଟ୍ ଖୋଲାଯାଇଥିବା ଅଧୀକ୍ଷଣ ଯନ୍ତ୍ରୀ ରମାକାନ୍ତ ପାତ୍ର କହିଛନ୍ତି। ତେବେ ଏହି ଗେଟ୍ ଖୋଲିବା ପୂର୍ବରୁ ତଳିଆ ଅଞ୍ଚଳରେ ବସବାସ କରୁଥିବା ଗ୍ରାମଗୁଡ଼ିକର ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ କରାଇଦିଆଯାଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନ, ରାଜ୍ୟ ସରକାର, ପୋଲିସ ଏବଂ ଗଣମାଧ୍ୟମକୁ ଅବଗତ କରାଯାଇଥିବା ସହକାରୀ ଯନ୍ତ୍ରୀ ଗଦାଧର ପ୍ରଧାନ କହିଛନ୍ତି।



# ଜଙ୍ଗଲ ସୁରକ୍ଷାରେ ବନ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: କତାପାଲୀ


ବନ ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲୀ ଓ ଅନ୍ୟମାନେ।

ମାଲକାନଗିରି,୧୧।୯(ଦୁର୍ଯ୍ୟୋଧନ ପାତ୍ର)

**ବନ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି**

ମାଲକାନଗିରି ଜିଲା ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟରେ ଜାତୀୟ ବନ ଶହୀଦ ଦିବସ ପାଳିତ ହୋଇ ଯାଇଛି। ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ପ୍ରିୟଙ୍କା ମାହୁକା, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ଜିଲାର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ, ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ପାରା ବନ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ ଏବଂ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବର୍ଷକ ମଧ୍ୟରେ ଦେଶ ଓ ରାଜ୍ୟରେ ଶହୀଦ ହୋଇଥିବା ବନାଧିକାରୀ ଏବଂ କର୍ମଚାରୀଙ୍କ ଆତ୍ମାର ସଦ୍‌ଗତି ନମନ୍ତେ ସମୂହ ନୀରବ ପ୍ରାର୍ଥନା କରାଯାଇଥିଲା। ଖଣ୍ଡୀୟ ବନାଧିକାରୀ କତାପାଲ୍ଲୀ ଜଙ୍ଗଲ ସୁରକ୍ଷା ଓ ଅଭିବୃଦ୍ଧିରେ ଅଧିକାରୀ ଓ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମ ଦେଶ ଓ ରାଜ୍ୟରେ ଅନେକ ଅଧିକାରୀ କର୍ମଚାରୀ ଏହି ମାଫିଆମାନଙ୍କ ଦ୍ୱାରା ପ୍ରାଣ ହରାଇଛନ୍ତି। ପୋଲିସ ଓ ସୀମା ସୁରକ୍ଷା ବାହିନୀରେ ଯେପରି ଶହୀଦ ଦିବସ ପାଳନ କରାଯାଉଛି ସେହିପରି ୨୦୧୭ରୁ ସାରା ଦେଶରେ ଆଜିର ଦିନକୁ ବନ ଶହୀଦ ଦିବସ ରୂପେ ପାଳନ କରାଯାଉଛି। ସେମାନଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ଅନୁକମ୍ପାମୂଳକ ଅର୍ଥ ପ୍ରଦାନ କରାଯାଇ ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ନିଯୁକ୍ତି ବ୍ୟବସ୍ଥା କରାଯାଇଛି। ବୃହତ ଜଙ୍ଗଲ ସମ୍ପଦର ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ କେବେ ବି ମାଫିଆଙ୍କୁ ଭ୍ରୂକ୍ଷେପ ନ କରି ଦୃଢ ଓ ସାହସିକତାର ସହ ନିଜ କର୍ତ୍ତବ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।

# ସତୀଗୁଡା ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି, ବିପଦ ଆଶଙ୍କା ନାହିଁ:ଯନ୍ତ୍ରୀ

ମାଲକାନଗିରି,୧୧।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ୩୨୬ ନଂ. ଜାତୀୟ ରାଜପଥ କଡରେ ଥିବା ସତୀଗୁଡ଼ା ଜଳଭଣ୍ଡାରରେ ପ୍ରବଳ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ପାଇଛି। ୧୧.୪ ବର୍ଗ କି.ମ. ପରିଧିରେ ଏହି ଜଳଭଣ୍ଡାର ହୋଇଥିବା ବେଳେ ଜଳଧାରଣ କ୍ଷମତା ୧୯୨.୮୪ ଫୁଟ ଥିବା ବେଳେ ଗତବର୍ଷ ଏହି ଦିନରେ ଏହା ୧୯୨.୮୪ଫୁଟ ଥିଲା। ବୁଧବାର ସକାଳ ସୁଦ୍ଧା ଏହା ୧୯୩.୬୦ଫୁଟକୁ ବୃଦ୍ଧି ପାଇଥିବାରୁ ଜଳ ଓଭର ହେଡ୍‌ରେ ନିଷ୍କାସନ ହେଉଛି। ଓଭର ହେଡ୍ ଉଚ୍ଚତା ଅଧିକ ଥିବାରୁ ଆଗାମୀ ଦିନରେ ବର୍ଷା ବୃଦ୍ଧି ପାଇଲେ ଏହି ଓଭର ହେଡ୍‌କୁ ଯାଇ ଜଳ ନିଷ୍କାସନ ହୋଇଯିବ । ଏଥିପାଇଁ ଜଳଭଣ୍ଡାର ପ୍ରତି କୌଣସି ବିପଦ ନ ଥିବା କନିଷ୍ଠ ଯନ୍ତ୍ରୀ ଭଗବାନ ନାୟକ କହିଛନ୍ତି।


ସତୀଗୁଡା ଜଳଭଣ୍ଡାର।

# ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଡଙ୍ଗାରୁ ଖସି ଜଣେ ନିଖୋଜ

ଚିତ୍ରକୋଣ୍ଡା, ୧୧।୯(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)–ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଜଳଭଣ୍ଡାରରେ ମାଛ ଧରିବାକୁ ଯାଇ ଡଙ୍ଗାରୁ ଗୋଡ଼ ଖସି ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ା ପଞ୍ଚାୟତ ସିଲିଗୁମା ଗ୍ରାମର ବିଜୁ ଗଲରୀ (୫୦)ଙ୍କ ସହ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ଚିତ୍ରକୋଣ୍ଡା ଜଳଭଣ୍ଡାରକୁ ମାଛ ଧରିବା ପାଇଁ ଏକ ଦେଶୀଡଙ୍ଗାରେ ଯାଇଥିଲେ। ବିଜୁ ଜାଲ ପକାଉଥିବା ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ପଡ଼ି ଯାଇଥିଲେ। ଏଥିସହ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ବେଳେ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର କୌଶଳକ୍ରମେ କୂଳରେ ପହଞ୍ଚିଥିଲେ । ତେବେ ବିଜୁ ଜଳଭଣ୍ଡାରରେ ନିଖୋଜ ହୋଇଯାଇଥିବା ବେଳେ ଖବର ପାଇ ଗ୍ରାମବାସୀ ଅଗ୍ନିଶମ କର୍ମଚାରୀ ଓ ତହସିଲଦାର ନଟବର ଗରଡ଼ାଙ୍କୁ ଜଣାଇଥିଲେ। ଉକ୍ତ ଅଞ୍ଚଳରେ ମଙ୍ଗଳବାର ବହୁ ଖୋଜାଖୋଜି ପରେ ସନ୍ଧ୍ୟା ହୋଇଯିବାରୁ ବୁଧବାର ସକାଳେ ପୁନର୍ବାର ଅଗ୍ନିଶମ ବାହିନୀ ଖୋଜାଖୋଜି ଜାରି ରଖିଥିଲା। ସନ୍ଧ୍ୟା ସୁଦ୍ଧା ବିଜୁଙ୍କର କୌଣସି ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି।

# ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଜୟପୁର,୧୧।୯(ପବନ ପାଣିଗ୍ରାହୀ)

ଜିଲା ଓକିଲ ସଂଘ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ବିଜୟ କୁମାର ରାୟ ଜେନା ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ଆଇନଜୀବୀ ପରିଷଦ ସହଯୋଗୀ ମନୋନୀତ ହୋଇ ଶୃଙ୍ଖଳା କମିଟି ସଦସ୍ୟ ଭାବେ ସ୍ଥାନ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ତ୍ରିନାଥ ସିଂ ଲାଲ୍, ପି.ରମେଶ ପାତ୍ର, ସମ୍ପାଦକ ମହେନ୍ଦ୍ର ଅଧିକାରୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ବୀରେଶ ପଟ୍ଟନାୟକ, ତେଜେଶ୍ୱର ପଣ୍ଡା, ବାଲା ରାୟ, ତାରିଣୀ ପାଣିଗ୍ରାହୀ ଓ ରବି ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଓକିଲଙ୍କୁ ଜୀବନବୀମା ଦାବିନେଇ ମତ ପ୍ରକାଶ ପାଇଥିଲା। ତେଲଙ୍ଗାନା ଭଳି ରାଜ୍ୟରେ ନୂତନ ଆଇନଜୀବୀମାନଙ୍କୁ ମାସିକ ପ୍ରୋତ୍ସାହନ ରାଶି ଦେବାକୁ ତେଜେଶ୍ୱର ପଣ୍ଡା ମତ ରଖିଥିଲେ । କାର୍ଯ୍ୟକ୍ରମରେ ଗିରିଧର ଖରା,ପି.ସନ୍ୟାସୀ ରାଓ, ଦୀନବନ୍ଧୁ ଅଗ୍ରୱାଲ, ସୁଧୀର ଷଡ଼ଙ୍ଗୀ,ପ୍ରମୋଦ ଦାସ,କେଦାର ସାମନ୍ତରାୟ,ମଦନ ମୋହନ ନାୟକ,ଲାଲ୍ ମୋହନ ଷଡ଼ଙ୍ଗୀ ଓ ସହଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଛୁଆଙ୍କ ହାତରେ ଜିଲା ପରିବହନ କାର୍ଯ୍ୟାଳୟ

**■ଡାଟା ଏଣ୍ଟ୍ରି ଅପରେଟର ସାଜିଛନ୍ତି କାର୍ପେଟଦାର**

**■ହାତଗୁଞ୍ଜା ନ ଦେଲେ ହେଉନି କାମ**

ସୁନାବେଡ଼ା,୧୧।୯(କୃତ୍ତିବାସ ପ୍ରଧାନ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ସେପ୍ଟେମ୍ବରରେ ପରିବହନ କାର୍ଯ୍ୟାଳୟଗୁଡିକୁ ଦୁର୍ନୀତିମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ପରିବହନ କମିଶନର ସଞ୍ଜୀବ ପଣ୍ଡା ଓଡ଼ିଶାର ସମସ୍ତ ଜିଲା ପରିବହନ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ଜନସାଧାରଣ କାର୍ଯ୍ୟାଳୟରେ ଭିଡ଼ ନ ଜମାଇ ଘରେ ବସି ଏହାର ସୁବିଧା ନେବା ଓ ଅନ୍‌ଲାଇନରେ ପରିବହନ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକୁ ହାତ ପାହାନ୍ତାରେ ଦେବା ଏହାର ଉଦ୍ଦେଶ୍ୟ ଥିଲା। ଏହାଦ୍ୱାରା ଲୋକେ ଠିକ୍ ସରକାରୀ ମୂଲ୍ୟରେ ଉପଯୁକ୍ତ ସୁବିଧା ପାଉଥିଲେ। କିନ୍ତୁ ସରକାର ବଦଳିବା ପରେ ନିୟମ ପରିବର୍ତ୍ତନ ହେଉଥିବା ଓ ସମସ୍ତ ନିୟମକୁ ଚାପି ଦେଇଛନ୍ତି କୋରାପୁଟ ଜିଲା ପରିବହନ ଅଧିକାରୀ। ବିଭାଗ ଲାଞ୍ଛୁଆଙ୍କ ହାତରେ ଚାଲୁଥିବା ଅଭିଯୋଗ ହୋଇଛି। ଦୁର୍ନୀତିର ଗନ୍ତାଘର ପାଲଟିଛି ପରିବହନ କାର୍ଯ୍ୟାଳୟ। ଦୈନିକ ଏଠାରେ ଦୁର୍ନୀତିର ଏକ ଫର୍ଦ୍ଦ ଯୋଡ଼ି ହେଉଛି। କେତେବେଳେ ବସ୍ କେଲେଙ୍କାରୀ ତ ଆଉ କେତେବେଳେ ଡାଟାଏଣ୍ଟ୍ରି ଅପରେଟରଙ୍କ ଟଙ୍କା ଗଣିବା ଫଟୋକୁ ନେଇ ଚର୍ଚ୍ଚା। ବର୍ତ୍ତମାନ ବିଭାଗରେ ଜଣେ ଲାଞ୍ଛୁଆ ବ୍ୟକ୍ତିଙ୍କୁ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତିକୁ ନେଇ ଅଭିଯୋଗ ହୋଇଛି। ଉକ୍ତ ଅପରେଟରଙ୍କ ମାଧ୍ୟମରେ ପ୍ରତିଦିନ ବହୁ ଟଙ୍କା ଆଦାୟ ହେଉଥିବା ନିଜ ନାଁ ଗୋପନ ରଖି କହିଛନ୍ତି କେତେଜଣ କର୍ମଚାରୀ । ସରକାର ସମସ୍ତ ଆଞ୍ଚଳିକ ପରିବହନ ବିଭାଗଗୁଡିକ ଦୁର୍ନୀତିମୁକ୍ତ କରିଥିବା ବେଳେ କୋରାପୁଟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଲାଞ୍ଛୁଆ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିଯୁକ୍ତି ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚରୁ ସର୍ଭିସ ପ୍ରୋଭାଇଡର ମାଧ୍ୟମରେ ନିଯୁକ୍ତ ସମସ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କର ଚୁକ୍ତିନାମା ନ ଥିବା ସନ୍ଦେହ ଘେରରେ ରହିଛି। କେଉଁ ଆଧାରରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ୫୦ ବର୍ଷୀୟ ଲାଞ୍ଛୁଆ ବ୍ୟକ୍ତି କିଭଳି ଡାଟାଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ପାଇଲେ ତାହା ବାରମ୍ବାର ଅଭିଯୋଗ ହେବାପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରିଛି ।

ଆଶ୍ଚର୍ଯ୍ୟର କଥା ନିଯୁକ୍ତି ପାଇଥିବା ବ୍ୟକ୍ତି ଜଣଙ୍କ ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଖ ଲୋକ। ଗତ କିଛି ବର୍ଷ ତଳେ ଡାଟାଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ପାଇଥିଲେ। ତେବେ ଖୁବ୍ କମ୍ ସମୟରେ କିଭଳି ଅଚଳାଚଳ ସମ୍ପତ୍ତିର ମାଲିକ ହେଲେ ସାଧାରଣରେ ଚର୍ଚ୍ଚାର ବିଷୟ ଜୋର ଧରିଛି । ଜଣେ ଅସ୍ଥାୟୀ କର୍ମଚାରୀ ହୋଇ ମଧ୍ୟ ଅଧିକାରୀମାନଙ୍କୁ ହାତରେ ରଖି ପୁରା କାର୍ଯ୍ୟାଳୟକୁ ନିଜ ଇଚ୍ଛାରେ ଚଳାଉଛନ୍ତି।

ସେହିପରି ଅନ୍ୟ ଜଣେ ଡାଟା ଏଣ୍ଟ୍ରି ଅପରେଟର ନିଜ ଗାଡ଼ିକୁ ଆର୍‌ଟିଓ କାର୍ଯ୍ୟାଳୟରେ ଲଗାଇ ଲାଭ ଉଠାଉଛନ୍ତି। ସାଧାରଣ ଲୋକ ଯେକୌଣସି କାମ ପାଇଁ କାର୍ଯ୍ୟାଳୟକୁ ଗଲେ ତାଙ୍କୁ ନ ଧରିଲେ କାମ ହେଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟ ଜଣେ ଡାଟାଏଣ୍ଟ୍ରି କର୍ମଚାରୀ ଏମ୍‌ଭିଆଇଙ୍କ ବଦଳରେ ଫିଟ୍‌ନେସ୍ ପଢ଼ିଆରେ ଦାୟିତ୍ୱ ତୁଲାଉଥିବା ଓ ଗାଡିଗୁଡିକରୁ ସିଧାସଳଖ ହଜାରେ ଟଙ୍କା ଲେଖାଏ ଲାଞ୍ଚ ମାଗୁଥିବା ଲୋକେ କହିଛନ୍ତି । ସେହିପରି ଆଉ ଜଣେ କିରାଣିଙ୍କ ଦାୟିତ୍ୱ ଭାର ସମ୍ଭାଳି ଡ୍ରାଇଭିଂ ଲାଇସେନ୍ସ ନବୀକରଣ, ଲର୍ନର ଲାଇସେନ୍ସ, କମ୍ପ୍ୟୁଟର ଟେଷ୍ଟ ସମ୍ଭାଳୁଥିବା ବେଳେ ପାସ୍ କରାଇଦେବା ପାଇଁ ୩ ହଜାର ଟଙ୍କା ହାତଗୁଞ୍ଜା ନେଉଛନ୍ତି। ଯଦି କେହି ଏହାକୁ ବିରୋଧ କରୁଛନ୍ତି ତେବେ ତାଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ କୋରାପୁଟ ଜିଲା ପରିବହନ ଅଧିକାରୀ ରାଜେଶ ମାରାଣ୍ଡିଙ୍କୁ ପଚାରିବାରୁ ଏମିତି କୌଣସି ବେଆଇନ କାର୍ଯ୍ୟ ହେଉଥିବା କେହି ମୋ ଦୃଷ୍ଟିକୁ ଆଣିନାହାନ୍ତି। ଯଦି ଏପରି ଅଭିଯୋଗ ଆସେ ତେବେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଡାଟାଏଣ୍ଟ୍ରି ଅପରେଟରମାନଙ୍କର ଚୁକ୍ତି ସମୟ ବଢ଼ାଯାଇଥିବା ସେ କହିଛନ୍ତି ।

# କନ୍ୟାଶ୍ରମଠାରୁ ପଡ଼ିଆ ମୁଖ୍ୟରାସ୍ତା ବନ୍ୟାରେ ନଷ୍ଟ

ମାଲକାନଗିରି, ୧୧।୯
(ଦୁର୍ଯ୍ୟୋଧନ ପାତ୍ର)

୨ ଦିନ ପୂର୍ବେ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ଉପୁଜିଥିଲା। ଫଳରେ ଜିଲାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଅନେକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ଏଥିସହ ବିଭିନ୍ନ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ମାଲକାନଗିରି ଜିଲା କାଲିମେଳାଠାରୁ ପଡିଆ ରାସ୍ତା କନ୍ୟାଶ୍ରମ ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହୋଇ ବିଭିନ୍ନ ଅଞ୍ଚଳକୁ ମାଡିଥିଲା। ଫଳରେ ରାସ୍ତା ନଷ୍ଟହୋଇ ଯାଇଥିବା ଦେଖିବାକୁ ମିଳଛି। ବିଶେଷକରି କନ୍ୟାଶ୍ରମଠାରୁ ପଡ଼ିଆ ଯିବା ମୁଖ୍ୟ ରାସ୍ତା ବର୍ଷାରେ ଧୋଇହୋଇ ଯାଇଥିବାରୁ ସେହି ରାସ୍ତାରେ ଭାରିଯାନ ଯାତାୟାତ ନିଷେଧ କରାଯାଇଛି। ତୁରନ୍ତ ଏହାକୁ ମରାମତି ପାଇଁ ସାଧାରଣରେ ଦାବି ହୋଇଛି।



# ଘର ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି ଡାକ୍ତର

**ଚେପିଟିଆମ୍ବାରେ ଝାଡ଼ାବାନ୍ତି ରୋକିବାକୁ ସ୍ୱାସ୍ଥ୍ୟ ବିଭାଗର ପ୍ରୟାସ**

- ସ୍ୱାସ୍ଥ୍ୟ ଶିବିରରେ ଚାଲିଛି ଚିକିତ୍ସା
- ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ କରାଯାଉଛି ସଚେତନ
- ନାଳନର୍ଦ୍ଦମା ସଫାକରି ପକାଗଲା ବ୍ଲିଚିଂ

ଝରିଗାଁ,୧୧।୯(କିଶୋର ଚନ୍ଦ୍ର ମଣ୍ଡଳ)



ରାତିରେ ଡାକ୍ତରମାନେ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଚେପିଟିଆମ୍ବା ଗ୍ରାମରେ ଡାଇରିଆ ବ୍ୟାପୁଛି। ଗାଁରେ ୩ ଜଣଙ୍କ ଏଥିରେ ମୃତ୍ୟୁ ହୋଇଥିବା ବେଳେ ୩୪ ଜଣ ଆକ୍ରାନ୍ତ ହୋଇଛନ୍ତି। ବୁଧବାର ଗ୍ରାମର ବାରୁ ଜାନି (୬୮) ଏବଂ ଦେବ ଜାନି (୬୨) ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଗାଁରେ ଥିବା ଅସ୍ଥାୟୀ ଶିବିରରେ ଚିକିତ୍ସିତ କରାଯାଇଛି। ମଙ୍ଗଳବାର ରାତିରେ ଡାଲ ଜାନି(୫୨)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡାଇରିଆ ରୋକିବା ନେଇ ସ୍ୱାସ୍ଥ୍ୟ ବିଭାଗ ଏବେ ସଚେତନ କରୁଛି। କ'ଣ କରିବା ଆବଶ୍ୟକ ସେ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ଲୋକମାନଙ୍କୁ ସୂଚନା ଦିଆଯାଉଛି। ଏଥିସହ ରାତିରେ ଘରଘର ବୁଲି ଡାକ୍ତରମାନେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମଧ୍ୟ ପଚାରି ବୁଝୁଛନ୍ତି। ଗାଁରେ ଲୋକଙ୍କୁ ଦିନକୁ ୩ ଥର ବା ତା'ଠାରୁ ଅଧିକ ପତଳା ଝାଡ଼ା ହେଉଛି। ଦେହହାତ ଘୋଳାବିନ୍ଧା, ହାଲିଆ ଲାଗିବା ସହ ଜିଭ ଏବଂ ଓଠ ଶୁଖିଯିବା, ଅଧିକ ଶୋଷ ଲାଗିବା ସହ ପରିସ୍ରା କମ୍ ହେଉଛି । ଏହା ଡାଇରିଆର ଲକ୍ଷଣ। ତେଣୁ ଲୋକଙ୍କୁ ଚିକିତ୍ସା ଯୋଗାଇବାକୁ ସ୍ୱାସ୍ଥ୍ୟ ବିଭାଗ ଗାଁରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଶିବିର ଖୋଲିଛି। ଡାଇରିଆ ରୋଗୀଙ୍କ ହାତଗୋଡ଼ କାଲୁଆ ଲାଗିବା, ପରିସ୍ରା ବନ୍ଦ ହୋଇଯିବା, ବାଉଳି ଚାଉଳି ହେବା ଏବଂ ନିସ୍ତେଜ ହେବା ଭଳି ଲକ୍ଷଣ ରହିଲେ ରୋଗୀକୁ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାଯାଉଛି। ବାହାରେ ଝାଡ଼ା ନ ଯାଇ ପାଇଖାନା ବ୍ୟବହାର ଓ ଏହି ସମୟରେ ଚପଲ ବ୍ୟବହାର କରିବାକୁ ଲୋକମାନଙ୍କୁ ସଚେତନ କରାଯାଉଛି। ଖାଦ୍ୟ ପରଷିବା କିମ୍ବା ଖାଇବା ପୂର୍ବରୁ ହାତକୁ ଭଲଭାବରେ ସାବୁନରେ ଧୋଇବା, ଝରଣା, କୁଆ ବା ପୋଖରୀ ପାଣି ନ ପିଇବାକୁ ପରାମର୍ଶ ଦିଆଯାଇଛି। କେବଳ ଗଭୀର ନଳକୂଅ ପାଣି କିମ୍ବା ଫୁଟାପାଣି ପିଅନ୍ତୁ, ପିଇବା ପାଣି ପାତ୍ରରେ ହାତ ନ ବୁଡ଼ାଇ ଡଙ୍କି ବ୍ୟବହାର କରନ୍ତୁ ବୋଲି କୁହାଯାଇଛି। ନଳକୂଅ ପାଣିରେ ଭାତ ପଖାଳନ୍ତୁ, କୂଅ, ନଳକୂଅ ପାଖରେ ବାସନକୁସନ ଧୁଅନ୍ତୁ ନାହିଁ କିମ୍ବା ଲୁଗାପଟା ସଫାକରନ୍ତୁ ନାହିଁ। ବାସି, ପଚାଶଢ଼ା ବା ମାଛିବସା ଖାଦ୍ୟ ନ ଖାଇବାକୁ ପରାମର୍ଶ ଦିଆଯାଇଛି। ତଟକା ଓ ଗରମ ଖାଦ୍ୟ ଖାଆନ୍ତୁ ଓ ଖାଦ୍ୟକୁ ସର୍ବଦା ଘୋଡ଼ାଇ ରଖନ୍ତୁ ବୋଲି ଗ୍ରାମରେ ରହିଥିବା ଡାକ୍ତର, ସୁପରଭାଇଜର,ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଘର ଘର ବୁଲି ଗାଁ ଲୋକଙ୍କୁ ସଚେତନ କରୁଛନ୍ତି। ଗାଁର ସବୁ ନାଳନର୍ଦ୍ଦମା, ପାଣି ଜମିଥିବା ସ୍ଥାନ, ନଳକୂପ ଓ ଷ୍ଟାଣ୍ଡପୋଷ୍ଟ ପାଖ ସଫା କରାଯାଇ ସେଥିରେ ବ୍ଲିଚିଂ ପକାଯାଉଛି ବୋଲି ସୂଚନା ମିଳିଛି।

# ପୁସ୍ତକ ଲୋକାର୍ପଣ ସମାରୋହ



ଅତିଥିମାନେ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ନବରଙ୍ଗପୁର, ୧୧।୯(ସଦାଶିବ ପ୍ରହରାଜ)

ଉତ୍କଳ ପରିଷଦ ଆନୁକୂଲ୍ୟରେ ନବରଙ୍ଗପୁରସ୍ଥିତ ରାଜା ଚୈତନ୍ୟ ଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ୪୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଯୁଗଳ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ଉତ୍କଳ ବନ୍ଦନା ପରିବେଷଣ କରିଥିଲେ। ଜଗଦୀଶ ଚନ୍ଦ୍ର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପକ ଅଖିଳ କୁମାର ଭଞ୍ଜ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନବରଙ୍ଗପୁର ଜିଲା ଓ ଦୌରାଜଜ୍ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥି, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ବରେଣ୍ୟ ଅତିଥି, ଡ. ସଦାଶିବ ତ୍ରିପାଠୀଙ୍କ ଦାୟାଦ କେଦାରନାଥ ତ୍ରିପାଠୀ ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତାଭାବେ ଡ. ବିଜୟ କୁମାର ମିଶ୍ର ଯୋଗଦେଇଥିଲେ। ଡ. ସଦାଶିବଙ୍କୁ ସରକାରୀ ସ୍ତରରେ ଉଚିତ ସମ୍ମାନ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଉତ୍କଳ ପରିଷଦର ସଭାପତି ଶିକ୍ଷାବିତ୍ ବିଜୟ କୁମାର ଚୌଧୁରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କେଦାରନାଥ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ଡିଏଲ୍ଏସ୍ଏ ପକ୍ଷରୁ ଆୟୋଜିତ ଆଇନ ସାକ୍ଷରତା କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ମଞ୍ଚସ୍ଥ ପଥପ୍ରାନ୍ତ ନାଟକଗୁଡ଼ିକର ଏକ ସଙ୍କଳନକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଏହି ନାଟିକାଗୁଡ଼ିକୁ ନବରଙ୍ଗପୁରର ଲେଖିକା ପ୍ରଭାସିନୀ ମହାନ୍ତି ରଚନା କରିଛନ୍ତି। ଆଇନଜୀବୀ ରାମପ୍ରସାଦ ପାତ୍ର ଏହି ନାଟିକା ସଂକଳନର ଏକ ସମୀକ୍ଷା ଉପସ୍ଥାପନ କରିଥିଲେ। ଏହି ଅବସରରେ ଲେଖିକା ପ୍ରଭାସିନୀ ମହାନ୍ତିଙ୍କ ଆଇନ ସଚେତନତା ସମ୍ବନ୍ଧୀୟ ନାଟିକା ସଂକଳନ 'ଆମେ ଜାଣିନୁ' ଓ ସୁଶୋଭିତା ମେରିଲିନ ତୁରୁକଙ୍କ ସୁଖ, ଦୁଃଖ, ପ୍ରେମ ପ୍ରଣୟ, ସାମାଜିକ ଓ ଆଧ୍ୟାତ୍ମିକ ଧର୍ମୀ କବିତା ସଂକଳନ 'ସ୍ୱର୍ଣ୍ଣିମ ଆଭା' ଲୋକାର୍ପିତ ହୋଇଛି। 'ସ୍ୱର୍ଣ୍ଣିମ ଆଭା' ପୁସ୍ତକର ସମୀକ୍ଷା ଶିକ୍ଷୟିତ୍ରୀ ବାସନ୍ତୀଲତା ଜେନା କରିଥିଲେ। ମନୋଜ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କବି ଶ୍ରୀଧର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁବୈଶ୍ୟ ସଂଘର ଜିଲାସ୍ତରୀୟ ଅଧିବେଶନ

ଉମରକୋଟ, ୧୧।୯(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ରାମମନ୍ଦିରରେ ନବରଙ୍ଗପୁର ଜିଲା ମଧୁବୈଶ୍ୟ (ଗୁଡ଼ିଆ) ସଂଘର ଦ୍ୱିତୀୟ ଜିଲାସ୍ତରୀୟ ମହା ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କମିଟି ଗଠନ କରାଯାଇଥିଲା। ଭଗବାନ ସାମ୍ବଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ସଂଘର ବିଭିନ୍ନ ସମସ୍ୟା ନେଇ ଆଲେଚନା ହୋଇଥିଲା। ଗୁଡ଼ିଆ ଜାତି ଓବିସି ଶ୍ରେଣୀରେ ଆସୁଥିବାରୁ ଜାତିଗତ ପ୍ରମାଣପତ୍ର ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରାଯାଉଥିଲା। ତହସିଲଦାର କୁଳର ଜାତିଗତ ପ୍ରମାଣପତ୍ର ଆଣିବା ପାଇଁ କହୁଥିଲେ। ଏଥିପାଇଁ ଲୋକଙ୍କୁ କୋରାପୁଟ ଜିଲା ସଂଘ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲା ସଂଘକୁ ପଞ୍ଜୀକରଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ବୈଠକରେ ଆଲୋଚନା ହୋଇଛି। ପ୍ରତିବର୍ଷ ଉମରକୋଟରେ ଜିଲାସ୍ତରୀୟ ମହାଧିବେଶନ କରିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ବୈଠକରେ ନୂତନ ସଂଘ ଗଠନ କରାଯାଇଛି। ଶରତ କୁମାର ସାହୁ ସଭାପତି, ରାଜେନ୍ଦ୍ର ସାହୁ ଉପ ସଭାପତି, ରାଜେନ୍ଦ୍ର କୁମାର ସାହୁ ସମ୍ପାଦକ ଦେବେନ୍ଦ୍ର ସାହୁ ସହ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ସତ୍ୟରଞ୍ଜନ ଖୁଣ୍ଟିଆଙ୍କୁ ମନୋନୀତ କରାଯାଇଛି। ସେହିପରି ଜିଲା ସଂଘ ସକ୍ରିୟ ସଦସ୍ୟଭାବେ ଭଗବାନ ସାମ୍ବଲ, ଜଗନ୍ନାଥ ସାହୁ, ଗୋଲକ ସାମ୍ବଲ, ଦଣ୍ଡ ସାହୁ, ନମିତା ସାହୁ, ସୁବାସ ସାହୁ, ଅନିତା ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ବାଲାଜୀ ସାହୁଙ୍କୁ ଚୟନ କରାଯାଇଛି।

# ଗୌତମୀ ଜାନିଙ୍କୁ ସଞ୍ଜୟ ତୁଳା ସ୍ମୃତି ସମ୍ମାନ

ନବରଙ୍ଗପୁର,୧୧।୯(ସଦାଶିବ ପ୍ରହରାଜ)




ନବରଙ୍ଗପୁର ଶ୍ରୀ ଶ୍ରୀ କୁଞ୍ଜ ବିହାରୀ ମଠ ପରିସରରେ ହିନ୍ଦୀ ଶିକ୍ଷକ ସଞ୍ଜୟ ତୁଳଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ନିରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ସ୍ଥାନୀୟ ଆର୍‌ସିଡି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗୌତମୀ ଜାନିଙ୍କୁ ଚଳିତ ବର୍ଷର ସଞ୍ଜୟ ତୁଳା ସ୍ମୃତି ସମ୍ମାନ –୨୦୨୪ ମଠ ସଭାପତି ଭାରତ ପ୍ରଧାନୀ ପ୍ରଦାନ କରିଛନ୍ତି। ସେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ହିନ୍ଦୀରେ ୯୦ ନମ୍ବର ରଖିଥିଲେ। କାର୍ଯ୍ୟକ୍ରମକୁ ନାଟ୍ୟକାର ଜଗନ୍ନାଥ ବେହେରା ପରିଚାଳନା କରିଥିଲେ। ଏଥିରେ କୁମନ୍ଦ ପଟ୍ଟନାୟକ, ଗୋପବନ୍ଧୁ ବିଷୋୟୀ, ଜେନାମଣି ବିଷୋୟୀ, ଦେବେନ୍ଦ୍ର ପାତ୍ର, ଗୁପ୍ତ ସାହୁ, ଦେବେନ୍ଦ୍ର ବିଷୋୟୀ, ତ୍ରିବିକ୍ରମ ନନ୍ଦ, କୃଷ୍ଣ ଚନ୍ଦ୍ର ଦାସ, ଶ୍ୟାମ ସୁନ୍ଦର ମହାନ୍ତି, ଗୌରୀ ବିଷୋୟୀ, ମୁନା ମାଝି,ରାଧା ମୋହନ ହଡ଼ପ, ଦାମ ବିଷୋୟୀ, ଡମ୍ବରୁ ନାୟକ, ନିମାଇଁ ବିଷୋୟୀ, ସବ୍ୟସାଚୀ ବେହେରା, ଆରତୀ ବିଷୋୟୀ, ବୈଦେହି ପଣ୍ଡା, ମାରୁତି ଦାଶଙ୍କ ସହିତ ଲାଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ନବରଙ୍ଗପୁର,୧୧।୯(ସଦାଶିବ ପ୍ରହରାଜ)

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଆସନ୍ତା ସେପ୍ଟେମ୍ବର ୧୪ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୪ ଆୟୋଜିତ ହେବ। ନବରଙ୍ଗପୁର ଡିଏଲ୍ଏସ୍ଏ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ଦୌରାଜଜ୍ ତଥା ଡିଏଲ୍ଏସ୍ଏ ଅଧ୍ୟକ୍ଷ ସୁବ୍ରତ ମହାନ୍ତିଙ୍କ ଆଦେଶକ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦାହାଣ୍ଡି ଓ ଝରିଗାଁରେ ଥିବା ବିଚାରାଳୟଗୁଡିକରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା–ଦେୱାନୀ, ଫୌଜଦାରି (ସାଲିସଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଆଦି ମକଦ୍ଦମାର ଆପୋସ ସହମତିରେ ସହଜ ଓ ଚୂଡ଼ାନ୍ତ ସମାଧାନ ହୋଇଥାଏ। ଏଥିରେ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦ ଯଥା ବ୍ୟାଙ୍କଋଣ ଦେୟ, ବିଜୁଳି, ଜଳଯୋଗାଣ ଦେୟ, ଚେକ୍ ବାଉନ୍ସ, ଶ୍ରମ ବିବାଦ ଆଦିର ସମାଧାନ ହୋଇପାରିବ। ସବିଶେଷ ବିବରଣୀ ପାଇଁ ନବରଙ୍ଗପୁର ଡିଏଲ୍ଏସ୍ଏ, ତାଲୁକ ଆଇନ ସେବା କମିଟି ଉମରକୋଟ ଓ ଚନ୍ଦାହାଣ୍ଡି ସହ ତୁରନ୍ତ ଯୋଗାଯୋଗ କରନ୍ତୁ ବୋଲି ଡିଏଲ୍ଏସ୍ଏ ସଚିବ ସାଇ ଅଭିପ୍ସା ଗୋଛାୟତ ସୂଚନା ଦେଇଛନ୍ତି। ଯୋଗାଯୋଗ ପାଇଁ ୧୫୧୦୦/ ୦୬୮୫୮–୨୨୨୪୪୫/ ୦୬୮୫୮–୨୨୨୫୪୫ ଟେଲିଫୋନ୍ ନଂ ଦିଆଯାଇଛି।

# ଘରେ ପଶିଲା ବର୍ଷା ପାଣି

**ସ୍ଥିତି ଅନୁଧ୍ୟାନ କଲେ ଅଧିକାରୀ, ଲୋକପ୍ରତିନିଧି**

ସୁନାବେଡ଼ା,୧୧।୯ (କୃତ୍ତିବାସ ପ୍ରଧାନ)




କୋରାପୁଟ ଜିଲାରେ ଲଗାଣ ବର୍ଷା ଯୋଗୁ କୋଲାବ ଜଳ ଭଣ୍ଡାର ଫୁଲିବାରେ ଲାଗିଛି । ତେଣୁ ତଳ ଅଞ୍ଚଳରେ ଘର ଭିତରେ ପାଣି ପଶିଯାଇଛି। ସୁନାବେଡ଼ା ପୌର ପରିଷଦ ଅଧୀନ ୫ନଂ ୱାର୍ଡ ଗଞ୍ଜାମ କଲୋନୀର ଶେଷ ମୁଣ୍ଡରେ ଥିବା ପ୍ରାୟ ୧୫ରୁ ଅଧିକ ଘରେ ମଙ୍ଗଳବାର ରାତିରେ ପାଣି ପଶି ଯାଇଛି। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖବର ପାଇ ବୁଧବାର ସେମିଲିଗୁଡା ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକ, ସୁନାବେଡ଼ା ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କ ସହ ସ୍ଥାନୀୟ କାଉନସିଲର ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। କୋଲାବ ଜଳ ସ୍ତର ବଢ଼ିବାରୁ କେତେଜଣଙ୍କ ଘରେ ପାଣି ପଶିଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ସମ୍ପୃକ୍ତ ଅଞ୍ଚଳ ଲୋକଙ୍କୁ ଖାଲି କରାଯାଇଛି। କେତେଜଣଙ୍କୁ ଆଶ୍ରୟ ସ୍ଥଳରେ ରଖା ଯାଇଛି। ବାକି କେତେଜଣ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଉଛନ୍ତି। ତଥାପି ସେମାନଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯାଇଛି ଏବଂ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ଅତିରିକ୍ତ ତହସିଲଦାର ନାୟକ କହିଛନ୍ତି।

# ପିଏମ୍ ବିଶ୍ୱକର୍ମା ଯୋଜନା ନେଇ ସଚେତନତା

ଡାବୁଗାଁ, ୧୧।୯
(ପ୍ରଜ୍ଞା ରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଉପରେ ଏକ ସଚେତନତା ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ଜିଲା ନିଯୋଜନ ଅଧିକାରୀ ଆନନ୍ଦ ପଲେଇ ଯୋଗଦେଇ ଏହି ଯୋଜନାରେ ହିତାଧିକାରୀ କିପରି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବେ, ଉକ୍ତ ଆବେଦନକୁ ସରପଞ୍ଚ କିପରି ଆଗେଇ ନେବେ, କେଉଁମାନେ ଏହି ଯୋଜନାରେ ଆବେଦନ କରିପାରିବେ ସେ ନେଇ ଆଲୋଚନା ହୋଇଛି। ଏଥିସହ ହିତାଧିକାରୀ ଏହି ଯୋଜନରେ କି ଲାଭ ପାଇବେ, ଯୋଜନାର ବିଭିନ୍ନ ନିୟମାବଳୀ ଉପରେ ସଚେତନ କରାଯାଇଛି। ବୈଠକରେ ଆଇପିଓ କେ. ବିକ୍ରମ ରାଜୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ. ଡି. ପ୍ରସାଦ, ପର୍ଶୁରାମ ମାଳି, ହଳଧର ଜାନି, ଅର୍ଜୁନ ଭତରା, ରୁପାଲୀ ମଣ୍ଡଳ, କାମିନୀ ହରିଜନ, ଦିବ୍ୟଶଙ୍କର ପୂଜାରୀ, ସମସ୍ତ ପଞ୍ଚାୟତ ସରପଞ୍ଚ, ମୋ ସେବା କେନ୍ଦ୍ର କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବୈଠକରେ ଅଧିକାରୀମାନେ।

# ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ଜୟପୁର, ୧୧।୯(ପବନ ପାଣିଗ୍ରାହୀ)– କୋରାପୁଟ ଜିଲା ଜୟପୁର ବିଜ୍ଞାନ କେନ୍ଦ୍ରରେ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା କରାଯାଇଛି। କଳାକାର ଧୀରେନ ମୋହନ ପଟ୍ଟନାୟକ ମୁଖ୍ୟ ଅତିଥି, ଚନ୍ଦନ ନାୟକ, ସବିତା ପଟ୍ଟନାୟକ, ବିଜ୍ଞାନ ନିରୀକ୍ଷକ ଅନନ୍ତ ଦଳପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମହମ୍ମଦ ସରିବ ଓ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଓମ୍ ପ୍ରକାଶ ମିଶ୍ର, ଆଶିଷ ମହାନ୍ତି, ଶିବରାମ ପାଣିଗ୍ରାହୀ, ଦିଲୀପ ପଣ୍ଡା, ସୁନୀଲ ପାଢ଼ୀ, ଗୋରାଚାନ୍ଦ ତ୍ରିପାଠୀଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଜିଲାର ୧୮ଟି ବିଦ୍ୟାଳୟ ଭାଗ ନେଇଥିଲେ। ପ୍ରତିଯୋଗିତାରେ ସ୍ୱର୍ଣ୍ଣଲତା ମିଶ୍ର ଓ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଡିଇଓ ପ୍ରମୋଦ କୁମାର ମହାନ୍ତି ପୁରସ୍କୃତ କରିଛନ୍ତି। ଚନ୍ଦନ ନାୟକ, ବିଜ୍ଞାନ ନିରୀକ୍ଷକ ଅନନ୍ତ ଦଳପତି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଣ୍ଣଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତର ଶୂନ୍ୟ ଇନ୍ଦ୍ରାବତୀ ପ୍ରକଳ୍ପ ହସ୍ପିଟାଲ

ତେନ୍ତୁଳିଖୁଣ୍ଟି, ୧୧।୯(ଚିଦାନନ୍ଦ ସାହୁ)

- ପ୍ରକଳ୍ପ ହସ୍ତାନ୍ତର ପ୍ରକ୍ରିୟା କି ପରିଚାଳନା କରୁ ନ ଥିବା ଅଭିଯୋଗ
- ହନ୍ତସନ୍ତ ହେଉଛନ୍ତି ରୋଗୀ

ନବରଙ୍ଗପୁର ଜିଲାରେ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ପରିଚାଳିତ ଡାକ୍ତରଖାନା ବିଦ୍ୟାଳୟ ଏକଦା ସୁନାମ ଅର୍ଜନ କରିଥିଲା। କିନ୍ତୁ ବର୍ତ୍ତମାନ ସେହି ଅନୁଷ୍ଠାନଗୁଡ଼ିକ କଥା ନ କହିବା ଭଲ। ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା ଏବେ ଡାକ୍ତର ଶୂନ୍ୟ। ଦୈନିକ ଅନେକ ରୋଗୀ ଫାର୍ମାସିଷ୍ଟଙ୍କ ଭରସାରେ ଔଷଧ ଖାଉଛନ୍ତି। ପ୍ରକଳ୍ପ ଡାକ୍ତରଖାନା ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ ହେଉ ନ ଥିବାରୁ ଅଞ୍ଚଳବାସୀ ଡାକ୍ତରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସୂଚନାନୁଯାୟୀ, ଡାକ୍ତର ୱାନା ଭରଦ୍ୱାଜଙ୍କୁ ତତ୍କାଳୀନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଥିଲେ। କିନ୍ତୁ ଉଚ୍ଚତର ଶିକ୍ଷା ପାଇଁ ଡାକ୍ତର ଭରଦ୍ୱାଜ ଚାକିରିରୁ ଇସ୍ତଫାଦେଇ ଚାଲିଯାଇଛନ୍ତି। ଇନ୍ଦ୍ରାବତୀ ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଅଞ୍ଚଳର ରୋଗୀ ଫାର୍ମାସିଷ୍ଟ, କ୍ୱାକ୍ ନଚେତ୍ ଔଷଧ ଦୋକାନୀଙ୍କ ଭରସାରେ। କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ବୃଦ୍ଧି ଯୋଗୁ କିଛି ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏଠାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଦୟାକରି ଡାକ୍ତର, ଔଷଧ, ଫାର୍ମାସିଷ୍ଟ, ଲାବରେଟୋରି ଟେକ୍ନିସିଆନ ଯୋଗାଇ ଦେଇଥିବା ଲୋକେ କହୁଥିବା ଶୁଣିବାକୁ ମିଳିଛି। ପ୍ରକଳ୍ପ କର୍ମଚାରୀ କହିଲେ ଜଣେ ଫାର୍ମାସିଷ୍ଟ ଓ ଜଣେ ସୁଇପର। ପ୍ରକଳ୍ପ କର୍ତ୍ତୃପକ୍ଷ କର୍ମଚାରୀ କିମ୍ବା ପରିଚାଳନା ପାଇଁ ଦୈନିକ ଆବଶ୍ୟକ ଫିନାଇଲ , ଝାଡୁ ,କାଗଜ ଆଦି ମଧ୍ୟ ଦେଉ ନ ଥିବା ଜଣାପଡ଼ିଛି। ଡାକ୍ତର ଓ ଅନ୍ୟ ଷ୍ଟାଫ୍‌ଙ୍କ ପାଇଁ ସୁବ୍ୟବସ୍ଥିତ କ୍ୱାର୍ଟର ବ୍ୟବସ୍ଥା ମଧ୍ୟ ନାହିଁ। ଏସବୁ ସମସ୍ୟା ନେଇ ମୁଖ୍ୟଯନ୍ତ୍ରୀ ତଥା ବେସିନ୍ ମ୍ୟାନେଜର ଇନ୍ଦ୍ରାବତୀ କୋଲାବ ବେସିନ ଇଂ. ସନ୍ତୋଷ ମହାପାତ୍ରଙ୍କୁ ପଚାରିବାରୁ ଜଳସେଚନ ବିଭାଗ ସ୍ୱାସ୍ଥ୍ୟ ବିଭାଗକୁ ଡାକ୍ତରଖାନା ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇସାରିଛି। ଏହାର ପ୍ରକ୍ରିୟା ଚାଲିଛି। ଡାକ୍ତର ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କ ସହ ଯୋଗାଯୋଗକରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଧର୍ମାନ୍ତରୀକରଣ ବନ୍ଦ ନେଇ ଦାବି

- ଉମରକୋଟରେ ବିଶାଳ ହିନ୍ଦୁ ସମାବେଶ
- ଅତିରିକ୍ତ ତହସିଲଦାରଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବିପତ୍ର

ଉମରକୋଟ, ୧୧।୯(ସନ୍ତୋଷ ଶତପଥୀ)



ଦାବିପତ୍ର ଦେବାକୁ ବିଭିନ୍ନ ହିନ୍ଦୁ ସଙ୍ଗଠନ ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଉମରକୋଟ ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ଡଙ୍ଗରୀଗୁଡ଼ା ଖେଳ ପଡ଼ିଆରେ ଏକ ବିଶାଳ ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ନବରଙ୍ଗପୁର ଜିଲାର ୧୦ ବ୍ଲକ ସହ ବୋରିଗୁମା, ମାଲକାନଗିରି, ଛତିଶଗଡ଼ର ପାଖନଝରରୁ ବିଭିନ୍ନ ହିନ୍ଦୁ ସଙ୍ଗଠନ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ପ୍ରଥମେ ଡାଙ୍ଗରୀଗୁଡ଼ା ଖେଳ ପଡ଼ିଆରେ ଏକ ସାଧାରଣ ସଭା କରା ଯାଇଥିଲା। ଜୟଦେବ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜୟନ୍ତ ପାତ୍ର, ମଣିରାମ ଗଣ୍ଡ, ତପନ ପାଲ, କୃପାରାମ ସାହୁ, ସତ୍ୟବ୍ରତ ସାମଲ, ମାନସ ଭୌମିକ, ମନୋଜ ଶର୍ମା, ମୁନା ପାଢ଼ୀ, ସୁଶୀଳା ମାଝି, ବିକାଶ ଶ୍ରୀବାସ୍ତବ, ସୌଭାଗ୍ୟ ବାବା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ତହସିଲଦାରଙ୍କ ଅନୁପସ୍ଥିତରେ ଅତିରିକ୍ତ ତହସିଲଦାର ଚିତରଞ୍ଜନ ପଟ୍ଟନାୟକଙ୍କୁ ୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ରୋହିଙ୍ଗା ବାଂଲାଦେଶୀଙ୍କୁ ଚିହ୍ନଟ କରି ଦେଶରୁ ହଟାଇବା, ଭାରତକୁ ଏକ ହିନ୍ଦୁ ରାଷ୍ଟ୍ର ଘୋଷଣା, ବିଶ୍ୱରେ ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ଦେଶରେ ଗୋ ଚାଲାଣ ଓ ଗୋ ହତ୍ୟା ନିଷେଧ, ଧର୍ମାନ୍ତରିକରଣ ବନ୍ଦ, ୟୁସିସି ଆଇନ ଲାଗୁ, ସମ୍ବିଧାନର ୩୦/୩୦ (କ) ଉଚ୍ଛେଦ, ଧର୍ମ ବଦଳାଇବା ସତ୍ତ୍ୱେ ଅନେକ ଆଦିବାସୀ ଓ ଦଳିତମାନେ ସେମାନଙ୍କ ପାଇଁ ଥିବା ସରକାରୀ ସୁବିଧା ଉପଭୋଗ କରୁଛନ୍ତି। ସେ ସମସ୍ତଙ୍କୁ ଚିହ୍ନଟ କରି ଉଚିତ ଦଣ୍ଡ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବିଶ୍ୱ ହିନ୍ଦୁ ପରିଷଦ ପ୍ରଖଣ୍ଡ ସଭାପତି ଅଶୋକ ପ୍ରଧାନ, ତପନ ଦେବନାଥ, ଟୁଲୁ ସାହୁ, ଝୁନା ପରିଡ଼ା, ସଞ୍ଜିତ୍ ବିଶ୍ୱାସ, ଗୋପାଳ ପଟ୍ଟନାୟକ, କିଶୋର ସାହୁ, ଅଜିତ ସ୍ୱାଇଁ, ଅଶୋକ ପାତ୍ର, ସୁନୀଲ ବେହେରା, ବାଳକୃଷ୍ଣ ପଟ୍ଟନାୟକ, ବୁଲୁ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ହିନ୍ଦୁ ମହାସମାବେଶ ଶେଷ ହୋଇଛି।

